ସକାଳ
THE SAKALA



www.sakalaepaper.com

# ରାସ୍ତା କାମରେ ଅନିୟମିତତା କାର୍ଯ୍ୟ ଏକ; ଫଳକ ଦୁଇ

ଜଗନ୍ନାଥପ୍ରସାଦ, ୨୮ ।୬(ସମିସ)

ଜଗନ୍ନାଥପ୍ରସାଦ ବ୍ଲକ ଜିରାବାଡ଼ି ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣେଶ୍ୱର ମନ୍ଦିରକୁ ରାସ୍ତା ନିର୍ମାଣ ଆରମ୍ଭ ହେଉଥିବା ବେଳେ ଗଣ୍ଡଗୋଳ ସୂତ୍ରପାତ ହୋଇଛି। ମନରେଗା ଯୋଜନାରେ ଦକ୍ଷିଣେଶ୍ୱର ମନ୍ଦିରଠାରୁ ଲେପା ରୋଡ଼ ପର୍ଯ୍ୟନ୍ତ ମେଟାଲ ମୋରମରେ ରାସ୍ତା ନିର୍ମାଣ ପାଇଁ ୨୦୨୪-୨୫ଆର୍ଥିକ ବର୍ଷରେ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇ ଆସିଥିଲା। ଯାହାର କାର୍ଯ୍ୟ କୋର୍ଡ ନମ୍ବର ୧୦୬୦୮୨୮୧ ବୋଲି ଉଲେଖ ରହିଛି। ତେବେ ଏହି କାମପାଇଁ ଲାଗିଥିବା ବୋର୍ଡରେ କାର୍ଯ୍ୟ ଆରମ୍ଭ ଓ କାର୍ଯ୍ୟଶେଷ ବାବଦରେ କିଛି ଉଲ୍ଲେଖ କରାଯାଇନାହିଁ। ପୁଣି ସେହି କାମପାଇଁ ଅନ୍ୟପଟରେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଦକ୍ଷିଣେଶ୍ୱର ମନ୍ଦିର ପର୍ଯ୍ୟନ୍ତ ମନରେଗା ଯୋଜନାରେ ମେଟାଲ ମୋରମରେ ରାସ୍ତା ନିର୍ମାଣ ପାଇଁ ଅନ୍ୟଏକ ବୋର୍ଡ ଲଗାଯାଇଛି। ଯାହାର କାର୍ଯ୍ୟ କୋର୍ଡ ନମ୍ବର-୧୦୬୦୮୨୮୧ବୋଲି ଉଲ୍ଲେଖ କରାଯାଉଛି। ଏହାର ଅଟକଳ ମୂଲ୍ୟ ମଧ୍ୟ ୧୦ଲକ୍ଷ ବୋଲି ଉଲ୍ଲେଖ ରହିଛି। ଏଥିରେ ବି କାର୍ଯ୍ୟାରମ୍ଭ ଓ କାର୍ଯ୍ୟଶେଷ ତାରିଖ ଉଲ୍ଲେଖ କରାଯାଇନାହିଁ। ଗୋଟିଏ ବୋର୍ଡ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ଓ ଅନ୍ୟଟି ମନ୍ଦିର ପାର୍ଶ୍ୱରେ ଏପରି ଭିନ୍ନ କୋଡ୍ ଥାଇ ଦୁଇଟି ସିମେଣ୍ଟ ତିଆରି ବୋର୍ଡରେ ଉଲ୍ଲେଖ କରାଯାଇଛି। ତେବେ ଗୋଟିଏ କାମ ପାଇଁ ମାତ୍ର ୩୬୦ ମିଟର ରାସ୍ତାରେ ମେଟାଲ ମୋରମ ପକାଯିବା ପାଇଁ ୨୦ ଲକ୍ଷ ଟଙ୍କା କିପରି ଖର୍ଚ୍ଚ ହେଉଛି ଏହା ଉପରେ ଲୋକେ ସନ୍ଦେହ କରିଥିଲେ। ତେଣୁ ମନ୍ଦିର ପୂଜକ ଓ ପରିଚାଳନା କମିଟିଗଣ ଏହା ଉପରେ ତୀକ୍ଷ୍ଣ ନଜର ରଖିଥିଲେ।






**● ମନ୍ଦିର ରାସ୍ତାକୁ ନେଇ ଉତ୍ତେଜନା**
**● ଜେଇ ଓ ସରପଞ୍ଚ କହୁଛନ୍ତି ଅଲଗା କଥା**

ଶୁକ୍ରବାର ଶାସକ ଦଳର କିଛି ସମର୍ଥକ ରାସ୍ତା ନିର୍ମାଣ ପାଇଁ ଚାରିଟି ଟ୍ରାକ୍ଟର ଯୋଗେ ମୋରମ ଭର୍ତ୍ତିକରି ଆଣିଥିବା ବେଳେ ମନ୍ଦିର ପରିଚାଳନା କମିଟି ଓ ପୂଜକ ପହଞ୍ଚି ହୋହଲ୍ଲା କରିଥିଲେ। ଏନେଇ ପ୍ରଶ୍ନ କରିବାରେ ଛାୟା କଣ୍ଟ୍ରାକ୍ଟରମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇନପାରି ଟ୍ରାକ୍ଟର ଗୁଡିକୁ ଧରି ସ୍ଥାନଛାଡି ପଳାଇଯାଇଥିଲେ। ଏନେଇ ପଞ୍ଚାୟତ ଜେଇ ରବିନସେନ ନାୟକଙ୍କୁ ପଚାରିବାରୁ ସେ ଏହା ୧୦ଲକ୍ଷ ଟଙ୍କାର କାମ। କିନ୍ତୁ ଦୁଇଟି ବୋର୍ଡ ସେମାନେ ଯଦି ଲଗାଇଛନ୍ତି ଏହା ନିୟମ ବିରୁଦ୍ଧ ବୋଲି କହିଥିଲେ। ତେବେ ଜିରାବାଡି ସରପଞ୍ଚ ସରୋଜ କୁମାର ନାୟକଙ୍କ ସହିତ ଯୋଗାଯୋଗ କରିବାରୁ ଆଗରୁ ଏହି କାମ ପାଇଁ ୧୦ଲକ୍ଷ ଓ ଏବେ ପୁଣି ୧୦ଲକ୍ଷ ଆସିଥିବା କହୁଛନ୍ତି।

ତେବେ ସବୁଠୁ ବଡ଼ କଥା ହେଉଛି ବର୍ତ୍ତମାନ ୨୦୨୫-୨୬ ଆର୍ଥିକ ବର୍ଷ ଚାଲିଛି କିନ୍ତୁ ବୋର୍ଡରେ ୨୦୨୪-୨୫ଆର୍ଥିକ ବର୍ଷ ବୋଲି ଉଲ୍ଲେଖ ରହିଛି। ଏନେଇ ପଚାରିବାରୁ ଫଳକ ବୋର୍ଡଟି ମୋ ଅଜାଣତରେ ତିଆରି ହୋଇଛି ଏବଂ ଭୁଲ ଲେଖାଯାଇଛି, ମୁଁ ବାହାରେ ଅଛି ଗଲେ ବୁଝିବି ବୋଲି ସରପଞ୍ଚ କହିଛନ୍ତି। ଏଠାରେ ୧୦ଲକ୍ଷ ଓ ଅନ୍ୟ କେଉଁଠି ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପାରିବ ମୁଁ ଗଲେ ଏହାଉପରେ ଆଲୋଚନା କରିବି ବୋଲି ସ୍ଥାନୀୟ ସରପଞ୍ଚ ଉତ୍ତର ଦେଇଥିଲେ। ତେବେ କାହାକଥା ଠିକ ଜଣାପଡୁନି। ଅନ୍ୟ ପକ୍ଷରେ ସମିତିସଭ୍ୟ କିଶୋର ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ପଞ୍ଚାୟତକୁ ଆସୁଥିବା କୌଣସି କାମ ବିଷୟରେ ମୋତେ ପଚରା ଯାଉନାହିଁ। ଏପରିକି ପଞ୍ଚାୟତକୁ ଆସୁଥିବା ଅନେକ ଅର୍ଥ ବେଆଇନ ଭାବେ ବ୍ୟୟ ହେଉଥିବା ସୂଚନା ଦେଇଛନ୍ତି। ତେବେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ସଠିକ ତଦନ୍ତ ପାଇଁ ଦାବି କରିଛନ୍ତି ସମିତିସଭ୍ୟ ଶ୍ରୀ ପ୍ରଧାନ।

# ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ଶିବିର




ଆସିକା, ୨୮ ।୬(ସମିସ): ସଂସ୍କୃତ ବିଦ୍ୟାର୍ଥିମାନଙ୍କ ଦକ୍ଷତା ବିକାଶ ପାଇଁ ଦଶଦିନାତ୍ମକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଡ. ବିପିନ ବିହାରୀ ଶତପଥୀ। ମୁଖ୍ୟଅତିଥି ରୂପେ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମଞ୍ଚାସିନ ଥିଲେ। ଉଦ୍‌ଘାଟକ ରୂପେ ବେଦବାଚସ୍ପତି ଉମେଶ ପ୍ରସାଦ ଦାଶ ଯୋଗ ଦେଇଥିଲେ। ଅନ୍ତିମ ଦିନରେ ଡ. ସିଦ୍ଧାନ୍ତ ଶଙ୍କର ପାଢ଼ୀ ମୁଖ୍ୟଅତିଥି କୁଳମଣି ଓଝା ଉପନିର୍ଦ୍ଦେଶକ ଉଚ୍ଚଶିକ୍ଷା ବ୍ରହ୍ମପୁର ବିଶିଷ୍ଟ ଅତିଥି ଓ ଡ.ପ୍ରଶାନ୍ତ କୁମାର ଦାଶ ଉପନିର୍ଦ୍ଦେଶକ ଉଚ୍ଚଶିକ୍ଷା ବ୍ରହ୍ମପୁର ଓ ଡ଼ ମହନ୍ତ ହରିହର ଦାସ ଅଧ୍ୟକ୍ଷ ରାମାଧିନ ସଂସ୍କୃତ ମହାବିଦ୍ୟାଳୟ ବ୍ରହ୍ମପୁରର ମଧ୍ୟ ବିଶିଷ୍ଟ ଅତିଥି ରୂପେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଡ. ବିପିନ ବିହାରୀ ଶତପଥୀ ରାଷ୍ଟ୍ରୀୟ ଉପସଭାପତି ଲୋକଭାଷା ପ୍ରଚାର ସମିତି ଭାରତର ଯୋଗଦାନ କରି ଆଜିର ଦିନରେ ସମସ୍ତେ ସଂସ୍କୃତ ପଢ଼ିଲେ ସମାଜର ଉନ୍ନତି କରିପାରିବେ ବୋଲି କହିଥିଲେ ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ପଣ୍ଡିତ ଲକ୍ଷ୍ମୀଧର ବେହେରା କାହ୍ନୁଚରଣ ପ୍ରଧାନ। ବିଭୂତିଭାଷଣ କରି କୃଷ୍ଣଚନ୍ଦ୍ରନାୟକ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଅଧପକ ଆଚାର୍ଯ୍ୟ ସନାତନ ପଣ୍ଡା ସଂଯୋଜନା କରିଥିଲେ। ରାଜ୍ୟସଭା ପଣି ପଣ୍ଡିତ ଗୋପାଳକୃଷ୍ଣ ପାଢ଼ୀ ସ୍ୱାଗତ ତଥା ଅଧ୍ୟାପକ ଶିଶିର କୁମାର ମିଶ୍ର ସ୍ୱାଗତ କରିଥିଲେ। ଅଧ୍ୟାପକ ବାବାନାଥ ମିଶ୍ର, ଅଧ୍ୟାପକ ମନୋରଞ୍ଜନ ସାହୁ, ଆଧ୍ୟାପିକା କବିତା କୁମାରୀ ଦାଶ ଓ ପଣ୍ଡିତ ପ୍ରଦୀପକ ମାର ତ୍ରିପାଠୀ ଓ ଟୁନା ମହାରଣା ସହଯୋଗ କରିଥିଲେ। ଶିବିର ପରିଚାଳକ ଆଚାଯ୍ୟ ସନାତନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁକୁଣ୍ଡାରେ ପାଳିତ ହେଲା ରଥଯାତ୍ରା



ବ୍ରହ୍ମପୁର, ୨୮ ।୬(ସମିସ): ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡା ଗ୍ରାମର ଅଘୋରୀ ମଠ ପରିସରରେ ମହୁରୀ ରାଜ୍ୟର ମହାରାଣୀ ସ୍ୱର୍ଗତା ରତ୍ନମଞ୍ଜରୀ ଦେବୀଙ୍କ ଦ୍ୱାରା ସ୍ଥାପିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥ ଉପରେ ପ୍ରଧାନ ସେବକ ରୂପେ ଛେରା ପହଁରା କରିଛନ୍ତି ଶିକ୍ଷାବିତ ତ୍ରିନାଥ ମହାରଣା। ନେତ୍ରୋତ୍ସବ, ନବ ଯୌବନ ଦର୍ଶନ, ରଥପୂଜା ଓ ଅନ୍ୟାନ୍ୟ ନୀତିକାନ୍ତି ତଥା ପୂଜାର୍ଚ୍ଚନା ସୂର୍ଯ୍ୟନାରାୟଣ ଦାଶଙ୍କ ସହଯୋଗରେ ପଣ୍ଡିତ ମାନସ ରଞ୍ଜନ ପାଢ଼ୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ପରେ ରଥାରୁଢ ହୋଇଥିଲେ। ବ୍ରହ୍ମପୁର ପୂର୍ବତନ ମେୟର ଶିବ ଶଙ୍କର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରଥ ଟଣା ଆରମ୍ଭ କରିଥିଲେ। ସମାଜସେବୀ ସାକା ସୁଜିତ ଓ ସନ୍ତୋଷ କୁମାର ବେହେରା ରଥ ଗଡ଼ିବା ବେଳେ ସମ୍ମୁଖ ରାସ୍ତା ଝାଡୁ କରି ଠାକୁରଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ।

# ନାବାଳକକୁ ଛୁରାମାଡ଼; ଯୁବକ ଗିରଫ

ବ୍ରହ୍ମପୁର, ୨୮ ।୬(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ନିକଟରେ ଜଣେ ନାବାଳକକୁ ଛୁରୀରେ ଆକ୍ରମଣ ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବଡ଼ବଜାର ଥାନା ଅଞ୍ଚଳର ଅରୁଣ ମୁଖୀ(୨୫)। ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ନିକଟସ୍ଥ ମଦ ଦୋକାନରେ ଗେଟ୍‌ବଜାର ଜାଗିଲି ସାହିର ଜଣେ ନାବାଳକ କାମ କରେ। ୨୭ ତାରିଖ ପୂର୍ବାହ୍ନରେ ନାବାଳକ ଜଣକ ଘରକୁ ଖାଇବାକୁ ଯିବାବେଳେ ତାଙ୍କୁ ପଛପଟୁ ଏକ ଛୁରୀରେ ଅଭିଯୁକ୍ତ ଅରୁଣ ଆକ୍ରମଣ କରିଥିଲା। ଘଟଣାକୁ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅରୁଣକୁ ଗିରଫ କରି କୋର୍ଟଚାଲାଣ କରିଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବିଦାୟ ସମ୍ବର୍ଦ୍ଧନା



ବ୍ରହ୍ମପୁର, ୨୮ ।୬(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ପାତ୍ର ଚାକିରୀ ଜୀବନରୁ ଅବସର ନେଇଛନ୍ତି। ଏ ଅବସରରେ ସଂଘ ତରଫରୁ ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ସଂଘର ସଭାପତି ଡ ମିହିର କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ଉପଦେଷ୍ଟା ଡ ଶଙ୍କର ମାଝୀ, ଉପ ସଭାପତି ଇନ୍ଦ୍ର ପ୍ରସାଦ ବେହେରା ଏବଂ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ ଗୌରୀ ଶଙ୍କର ମହାରଣା, ପ୍ରଦୀପ ବେହେରା, ମନୋଜ ଶତପଥୀ, ଏମ. ତାରିଣୀୟା ରେଡ୍ଡୀ, ରବୀନ୍ଦ୍ର ଗୌଡ଼, ରଞ୍ଜିତ କୁମାର ନାୟକଙ୍କ ସମେତ ଅନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ।

# ଶନିଦେବଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ



ଗଞ୍ଜାମ, ୨୮ ।୬(ସମିସ): ଗଞ୍ଜାମ ବ୍ଲକ କରପଡ଼ା ପଞ୍ଚାୟତ କରପଡ଼ା ଗ୍ରାମରେ ଥିବା ଶନି ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ମା' ରାମଚଣ୍ଡୀ ପୀଠର ସଂଯୋଜକ କମଳ ପଣ୍ଡା ଓ ସମାଜସେବୀ କୃଷ୍ଣଚନ୍ଦ୍ର ନାୟକ (ମହାରାଜ) ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କରପଡ଼ା ସରପଞ୍ଚ ଅଜୟ ନାୟକ, ପୂର୍ବତନ ସରପଞ୍ଚ ଭାସ୍କର ନାୟକ, ସମାଜସେବୀ ରାମ ନାୟକ, ଗ୍ରାମ ଅଧିକାରୀ ଦିବାକର ନାୟକ, ମା' ରାମଚଣ୍ଡୀ ପୂଜା କମିଟିର କୁଞ୍ଜ ନାୟକ, ନାରାୟଣ ଚର୍ଚ୍ଚୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶନି ମନ୍ଦିର କମିଟିର ଅଧିକାରୀ ଚରଣ ନାୟକ, ସୁଶାନ୍ତ ନାୟକ, ଜଗା ନାୟକ, ଗୋବିନ୍ଦ ଚର୍ଚ୍ଚି, ସନ୍ତୋଷ ନାୟକ ପ୍ରମୁଖ ମୁଖ୍ୟ ଦାୟିତ୍ୱରେ ରହି ଶାନ୍ତିଶୃଙ୍ଖଳା ଭାବେ ପରିଚାଳନା କରିଥିଲେ।

# ରଥଯାତ୍ରା କଟକଣା ସତ୍ତ୍ୱେ ମଦ ବିକ୍ରି; ୩ ଗିରଫ



ବ୍ରହ୍ମପୁର, ୨୮ ।୬(ସମିସ): ରଥଯାତ୍ରା କଟକଣା ସତ୍ତ୍ୱେ ନକଲି ବିଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ଅବକାରୀ ଗୁଇନ୍ଦା ଓ ଅବକାରୀ ମୋବାଇଲ ୟୁନିଟ ବିପୁଳ ପରିମାଣର ମଦ ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲେସନପେଟା ସାହିର ସନ୍ତୋଷ କୁମାର ସାହୁ(୪୩), ପ୍ରେମନଗର ମୁଖ୍ୟ ରାସ୍ତାରେ ନକଲି ବିଦେଶୀ ମଦ ବିକ୍ରି କରୁଥିବା ବି ଚିରଞ୍ଜିବି (୨୧) ଓ ସନ୍ତୋଷ ସାହୁ(୩୨)। ଗତକାଲି ରଥଯାତ୍ରା ଥିବା ଯୋଗୁଁ ବ୍ରହ୍ମପୁର ସହରରେ ମଦ ବିକ୍ରି ଉପରେ ଜିଲ୍ଲା ପ୍ରଶାସନ କଟକଣା ଜାରି କରିଥିବାବେଳେ ଏମାନେ ବଦ ବିକୁଥିଲେ। ଅବକାରୀ ବିଭାଗ ପକ୍ଷରୁ ଦୁଇଟି ଟିମ ଗଠନ କରାଯାଇ ବଡ଼ବଜାର ଥାନା ଅନ୍ତର୍ଗତ ମାଲେସନ ପେଟା ନିକଟରେ ଚଢ଼ଉ କରି ୫୯ଟି ନକଲି ମଦ ବୋତଲ ଜବତ କରି ସନ୍ତୋଷକୁ ଗିରଫ କରିଥିଲା। ଏହାପରେ ପ୍ରେମ ନଗର ମୁଖ୍ୟ ରାସ୍ତାରେ ଚଢ଼ଉ କରି ୧୬୭ଟି ନକଲି ବିଦେଶୀ ମଦ ବୋତଲ, ଗୋଟିଏ ବାଇକ୍ ସହ ୨ଜଣ ଯୁବକଙ୍କୁ କାବୁ କରାଯାଇଥିଲା। ମୋଟ ୨୨୫ଟି ନକଲି ବିଦେଶୀ ମଦ ବୋତଲ ତଥା ୪୦.୫୦୦ ଲିଟର ନକଲି ମଦ ଜବତ କରାଯାଇଥିବା ବେଳେ ତିନି ଜଣଙ୍କୁ ଗିରଫ କରାଯାଇଛି। ଚଢ଼ଉ ବେଳେ ଅବକାରୀ ଅଧିକ୍ଷକ ପ୍ରବୀଣ ପ୍ରଧାନ, ଅବକାରୀ ଗୁଇନ୍ଦା ଉପ ଅଧିକ୍ଷକ ସ୍ମୃତିକାନ୍ତ ରାଉତ, ଇନ୍ସପେକ୍ଟର ସ୍ନେହଲତା ନାୟକ, ଅର୍ଜୁନ ମଲ୍ଲିକ, ବି ମୋନଜ କୁମାର, ମନିଷା ଭଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାଧାକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ

ବ୍ରହ୍ମପୁର, ୨୮ ।୬(ସମିସ): ତୁଳସୀ ନଗର ସପ୍ତମ ଗଳିରେ ଥିବା ରାଧାକୃଷ୍ଣ ମନ୍ଦିରର ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଅର୍ବାନ ବ୍ୟାଙ୍କ ସଭାପତି ଆର୍‌ଅ ମୁରଲୀ ମୋହନଙ୍କ ନେତୃତ୍ୱରେ ତୁଳସୀ



ନଗର ଅଞ୍ଚଳବାସୀଙ୍କ ସହଯୋଗରେ ଦଶ ବର୍ଷ ପୂର୍ବେ ଏହି ମନ୍ଦିର ପ୍ରତିଷ୍ଠା ହୋଇଥିବା ମନ୍ଦିରରେ ବାର୍ଷିକ ଉତ୍ସବରେ ମନ୍ଦିର ପରିସରରେ ମଣ୍ଡଳ ପୂଜା ଓ ହୋମ ଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳା, ବିଜେଡି ବରିଷ୍ଠ ନେତା ଭୀମସେନ ଦଳେଇ, କର୍ପୋରେଟର ଆର୍ ପାୱାନି, ଡି କରୁଣା କର, ପ୍ରଦୀପ ଶତପଥୀ, ସୁରେନ୍ଦ୍ର ମହାରଣା, ପ୍ରଶାନ୍ତ ପଟ୍ଟନାୟକ, ଟି ତିରୁପତି ପାତ୍ର, ରଞ୍ଜିତା ବେହେରା, ସୁନୀତା ପଟ୍ଟନାୟକ, ବନିତା ସାହୁ, ଟି କିଶୋର, ନୀଳକଣ୍ଠ ସାହୁ, ଉପସ୍ଥିତ ରହି ରାଧାକୃଷ୍ଣଙ୍କ ଦର୍ଶନ ଲାଭ କରିଥିଲେ। ସେହିପରି ଅର୍ବାନ ବ୍ୟାଙ୍କର ସମସ୍ତ ନିର୍ଦ୍ଦେଶକ ମାନେ ଯୋଗଦାନ କରିଥିଲେ। ରାଧାକୃଷ୍ଣ ବଣିକ ସଂଘ ଓ ଫ୍ରେଣ୍ଡସ ଫରଏଭର ସଦସ୍ୟ ଶ୍ରୀକାନ୍ତ ପାଣଗ୍ରାହୀ, ମନୋଜ ସାହୁ, ତିରୁପତି ସୁବୁଦ୍ଧି, ସୁଶୀଲ ସେନାପତି, ବାବୁ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ପଞ୍ଚାନନ ରାଉତ, ସୁବାଷ ପାତ୍ର, ରମେଶ ନାୟକ, ସିମାଞ୍ଚଳ ପଣ୍ଡା, ସତ୍ୟ ପାତ୍ର, ମୁକୁନ୍ଦ ଗୌଡ଼, ମୁନା ରେଡ୍ଡୀ, ରଜେଶ୍ୱର ବେହେରା, ସିମାଞ୍ଚଳ ସାହୁ ଉପସ୍ଥିତ ଥିଲେ।

# ୨୧ ଦିନରେ ମାର୍କଣ୍ଡି ଗଣଦୁଷ୍କର୍ମ ମାମଲାର ଚାର୍ଜସିଟ୍ ଦାଖଲ

ରଙ୍ଗେଇଲୁଣ୍ଡା, ୨୮ ।୬(ସମିସ): ଗତ ୩ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ୨୧ଦିନ ମଧ୍ୟରେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଗୋଳନ୍ଥରା ଥାନା ପୁଲିସ ଚାର୍ଜସିଟ ଦାଖଲ କରିଥିବା ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଘଟଣା ସମଗ୍ର ଜିଲ୍ଲାରେ ଚହଳ ସୃଷ୍ଟି କରିଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁଲିସ ତୁରନ୍ତ ପଦକ୍ଷେପ ନେଇ ଏଥିରେ ସମ୍ପୃକ୍ତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ କେ. ଶିବାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶା ଯାଇଥିବା ବେଳେ କେ. ସାଇ, ଜି. ଗାରେୟା ଏବଂ ଏନ. ଶ୍ରୀନୁଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ମାମଲାରେ ୩୪ଜଣ ସାକ୍ଷୀ ରହିଥିବା ବେଳେ ମୋଟ ୨୬୨ପୃଷ୍ଠା ସମ୍ବଳିତ ଚାର୍ଜସିଟକୁ ପୁଲିସ କୋର୍ଟରେ ଦାଖଲ କରିଛି। ଖୁବଶୀଘ୍ର ମାମଲାର ବିଚାର ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଅନ୍ୟପଟେ ସମସ୍ତ ୪ଜଣ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ରିପୋର୍ଟ ପଜିଟିଭ୍ ଥିବା ସୂଚନା ମିଳିଛି।

ପ୍ରକାଶ ଥାଉକି, ଗୋଳନ୍ଥରା ଥାନା ଅଧିନସ୍ଥ ନିଜ ମାମୁ ଘରକୁ ଜନୈକା ନାବାଳିକା ବୁଲିବାକୁ ଆସି ଗତ ଜୁନ ୩ତାରିଖରେ ଅଭିଯୁକ୍ତଙ୍କ ଦ୍ୱାରା ଦୁଇ ସମ୍ପର୍କୀୟ ନାବାଳିକା ଭଉଣୀଙ୍କୁ ଉଠାଇ ନେଇ ବିଭିନ୍ନ ସ୍ଥାନରେ ଦୁଇଦିନି ଧରି ଗଣଦୁଷ୍କର୍ମ କରିଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଥାନା କେସନଂ ୨୪୦/୨୫ରେ ମାମଲା ରୁଜୁ କରି ୪ଜଣ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟଚାଲାଣ କରିଥିଲା।

**ଏମ୍‌କେସିଜିରେ ଅବ୍ୟବସ୍ଥା**

# ଡ୍ରାଇଭର୍ ନଥିବାରୁ ମିଳିଲାନି ବ୍ୟାଟେରି ଗାଡ଼ି ସୁବିଧା

ବ୍ରହ୍ମପୁର, ୨୮ ।୬(ସମିସ)

ଦକ୍ଷିଣ ଓଡ଼ିଶାବାସୀଙ୍କ ଏକମାତ୍ର ନିର୍ଭରଯୋଗ୍ୟ ହସ୍ପିଟାଲ ଏମକେସିଜି ମେଡିକାଲରେ ସବୁବେଳେ କୌଣସି ନା କୌଣସି ସମସ୍ୟା ଲାଗି ରହୁଛି। କିଛି କର୍ମଚାରୀଙ୍କ ଦାୟିତ୍ୱରେ ଅବହେଳା ଓ ପ୍ରଶାସନିକ ନିଷ୍କ୍ରିୟତା ପାଇଁ ଦୈନିକ ଶହ ଶହ ରୋଗୀ ନାନା ପ୍ରକାର ହଇରାଣ ହେଉଛନ୍ତି। ସୂଚନାଯୋଗ୍ୟ ଯେ, କାଜୁଆଲିଟିରୁ ରଞ୍ଜନ ରଶ୍ମି ବିଭାଗକୁ ରୋଗୀଙ୍କୁ ନେବା ପାଇଁ ବ୍ୟାଟେରି ଗାଡ଼ି ବ୍ୟବସ୍ଥା ଥିବା ସତ୍ତ୍ୱେ ଡ୍ରାଇଭର ନଥିବାରୁ ରୋଗୀଙ୍କୁ ବୋହି ବୋହି ନେବାକୁ ପଡ଼ିଥିବା ଅଭିଯୋଗ ହୋଇଛି। ଦୀର୍ଘ ସମୟ ପରେ ପୁଣି କାଜୁଆଲିଟି ମ୍ୟାନେଜର ସନ୍ତୋଷ ପଣ୍ଡାଙ୍କୁ ଫୋନ କରିବା ପରେ ଗାଡ଼ି ବାହାରିଥିବା ଜଣାପଡ଼ିଛି। ପ୍ରତ୍ୟେକ ଦିନ ଏହିଭଳି ଶହ ଶହ ସାଧାରଣ ନିରୀହ ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛି ଘୋରୋଇ ଅଟୋ ମଧ ରୋଗୀଙ୍କ ଏ ପ୍ରକାର ସମସ୍ୟାର ସୁଯୋଗ ନେଇ ରୋଗୀ ବୋହିବା ପାଇଁ ନିଜ ନିଜ ବେପାର ଜମାଇଛନ୍ତି। ରଞ୍ଜନ ରଶ୍ମୀ ବିଭାଗରେ ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ଷ୍ଟ୍ରେଚରର ଆବଶ୍ୟକତା ପଡ଼ିଥାଏ। କିନ୍ତୁ କାଚ ରୁମ୍ ମଧ୍ୟରେ ଷ୍ଟ୍ରେଚର୍ ରଖାଯାଇଥିଲେ ବି କେହି କର୍ମଚାରୀ ରୋଗୀଙ୍କୁ ଷ୍ଟ୍ରେଚର ଦେଉନାହାନ୍ତି। ନିଜେ କର୍ମଚାରୀ ବି ଆସୁନାହାନ୍ତି। ଫଳରେ ରୋଗୀଙ୍କ ସମ୍ପର୍କୀୟ ରୋଗୀଙ୍କୁ ବୋହି ନେଇ ବିଭିନ୍ନ ପରୀକ୍ଷା କରୁଛନ୍ତି। ଏ ପ୍ରକାର ଅବ୍ୟବସ୍ଥା ପ୍ରତିଦିନ ରୋଗୀ ସମ୍ମୁଖୀନ ହେଉଥିଲେ




ବି ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଦୃଷ୍ଟି ନ ଦେବା ଆଶ୍ଚର୍ଯ୍ୟ ମନେ ହେଉଛି। ବଡ ମେଡିକାଲରେ ରୋଗୀଙ୍କୁ ଏହିଭଳି ପ୍ରତିକ୍ଷେତ୍ରରେ ହଇରାଣ କରି ଘରୋଇ ହସ୍ପିଟାଲକୁ ଅତ୍ୟନ୍ତ ସୁନିୟୋଜିତ ଭାବେ ରୋଗୀଚାଲାଣ ଚାଲୁଥିବା ସମାଜସେବୀ ମନୋଜ ତରାଇ ଆଭିଯୋଗ କରିଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା

ଗଞ୍ଜାମ, ୨୮ ।୬(ସମିସ): ଗଞ୍ଜାମ ଥାନା ଅନ୍ତର୍ଗତ ନୋଳିଆ ନୂଆଗାଁରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାଲେଶ୍ୱର ଅଞ୍ଚଳର ବଳଦେବ ପ୍ରଧାନ (୨୭)। ଗଞ୍ଜାମ ଥାନା ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠାଇଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମୃତକ ସ୍ଥାନୀୟ ଚିଙ୍ଗୁଡ଼ି ହାଚରିରେ ବାଲେଶ୍ୱର ଅଞ୍ଚଳରୁ ଆସି କାମ କରୁଥିବାବେଳେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି।

# ଅଟୋ ଓଲଟି ଜଣେ ମୃତ; ୧୦ ଗୁରୁତର

ଧରାକୋଟ, ୨୮ ।୬(ସମିସ): ଧରାକୋଟ ଥାନା ଅନ୍ତର୍ଗତ ଢଉଗାଁ ନିକଟରେ ଶନିବାର ସକାଳେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦ଜଣ ଆହତ ହୋଇଛନ୍ତି। ଏକ ଅଟୋ (ନଂ.ଓଆର୦୭ଡି-୦୦୩୫)ରେ ନିକଟସ୍ଥ ଲକ୍ଷ୍ମୀପୁରରୁ ବାହାଡ଼ାଗୁଡା ୧୨ ଜଣ ଲୋକ କେନାଲ କାମପାଇଁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏହା ଓଲଟି ପଡ଼ିଥିଲା। ଏଥିରେ ମାଲୁଣି ଦାସ(୫୨)ଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ ଜବତ କରିବା ସହ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ମାଲୁଣି ଦାସଙ୍କ ପୁଅ ଦୟାନିଧି ଦାସଙ୍କ ଏତଲା ପ୍ରକାରେ ଧରାକୋଟ ଥାନାରେ ଏକ ମାମଲା ରୁଜୁ ହୋଇଛି। ହେଲେ ଗୋଟିଏ ଅଟୋରେ ୧୨ ଜଣ ଲୋକଙ୍କୁ କିପରି ବିପଦପୂର୍ଣ୍ଣ ଭାବେ ନିଆଯାଉଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କ୍ଷୁଦ୍ର ବ୍ୟବସାୟୀଙ୍କୁ ଛତା ବଣ୍ଟନ



କବିସୂର୍ଯ୍ୟନଗର, ୨୮ ।୬(ସମିସ): ଫୁଟପାଥରେ ଖରାବର୍ଷାରେ ସଢୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ପ୍ରତି ସହଯୋଗର ହାତ ବଢ଼ାଇଛି କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ। ପବିତ୍ର ରଥଯାତ୍ରାରେ ଲାୟନ୍ସ କ୍ଲବ ସଭାନେତ୍ରୀ ଇ. ମାହେଶ୍ୱରୀ ଦୋରାଙ୍କ ତତ୍ତ୍ୱାବଧାନରେ ସମସ୍ତ ଲାୟନ ସଦସ୍ୟଙ୍କ ସହଯୋଗରେ ବସ୍‌ଷ୍ଟାଣ୍ଡ ପାର୍ଶ୍ୱ ବ୍ୟବସାୟୀଙ୍କୁ ଛତା ବଣ୍ଟନ କରାଯାଇଥିଲା। ଏହାସହ ଉପଢୌକନ, ମିଷ୍ଟାନ୍ନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତେବେ ପ୍ରତିବର୍ଷ ଏହି ସହଯୋଗ ଚାଲୁ ରହିଥିବା ବେଳେ ଚାରାରୋପଣ, ଶୀତଦିନେ କମଳ, ଖାଦ୍ୟ, ମେରୁ ସଂକ୍ରାନ୍ତିରେ ପଣା ଓ ପ୍ଲାଷ୍ଟିକ ବିଛଣା ବଣ୍ଟନ ଆଦି କାର୍ଯ୍ୟକ୍ରମ ଚାଲୁ ରହିଛି। ଲାୟନ୍ସ କ୍ଲବ ସମ୍ପାଦକ ଇଂ. କୃପାସିନ୍ଧୁ ସ୍ୱାଇଁ, ରିଜିଓନାଲ ଚ୍ୟାରପେରସନ ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ, ଡାଇରେକ୍ଟର ଡ଼. ଭାଗିରଥି ଶତପଥୀ, ଆଇନଜୀବୀ ସୁକୁମାର ମାଝୀ, କୋଷାଧ୍ୟକ୍ଷ ପୁଷ୍ପାଞ୍ଜଳି ମହାପାତ୍ର, ସଦସ୍ୟ ସୁପ୍ରଭା ଶତପଥୀ ସଦସ୍ୟ ତଥା ବନଦେବୀ ଆଇଟିଆଇ ଅଧ୍ୟକ୍ଷ ପ୍ରଭାସ ନାହାକ, ସଦସ୍ୟ ତଥା ଟ୍ରେନିଂ ଅଫିସର ରଘୁନାଥ ଦାସ, ସଦସ୍ୟ ଶ୍ୱେତ ଦୋରା ଓ ଗୀତାଞ୍ଜଳି ଦୋରା ସହଯୋଗ କରିଥିଲେ।

# ଦୁଇଦିନିଆ ହାଡ଼ ରୋଗ ନିବାରଣ ଯୋଗ ଶିବିର



ବ୍ରହ୍ମପୁର, ୨୮ ।୬(ସମିସ): ସ୍ଥାନୀୟ ବାସୁଦେବନଗର କମ୍ୟୁନିଟି ହଲରେ ଦୁଇଦିନିଆ ହାଡ ରୋଗ ନିବାରଣ ଯୋଗ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତ ଅଧିନସ୍ଥ ଗଞ୍ଜାମ ଯୋଗ ଜିଲ୍ଲା ପକ୍ଷରୁ ଏହି ଦୁଇଦିନିଆ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯାଇଛି। ଗଞ୍ଜାମ ଜିଲ୍ଲା ମୁଖ୍ୟ ବି. ବଳରାମ ରାଓଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଆଖପାଖ ଅଞ୍ଚଳରୁ ବହୁସଂଖ୍ୟକ ବୟସ୍କ ଓ ଯୋଗ ଅଭ୍ୟାସୀ ସକ୍ରିୟ ସାମିଲ ହୋଇଥିଲେ। ଏହି ଶିବିରରେ ପ୍ରଶିକ୍ଷଣ ଦିଆଯାଉଥିବା ବିଭିନ୍ନ ପ୍ରକାରର ଯୋଗର ଅଭ୍ୟାସ ନିୟମିତ ଜାରି ରଖିଲେ ଓଷ୍ଟିଓପୋରୋସିସ, ଆର୍ଥାଇଟସ, ବେକ, କାନ୍ଧ, କହୁଣୀ, ଅଣ୍ଟା, ଓ ଗୋଇଠି ଭଳି ସ୍ଥାନରେ ଦେଖାଯାଉଥିବା ଯନ୍ତ୍ରଣାରୁ ମୁକ୍ତି ମିଳିପାରିବ ବୋଲି ଦାବି କରାଯାଇଛି। ଏହି ଶିବିରକୁ ପ୍ରାନ୍ତପ୍ରମୁଖ ସୁରେଶ ଚନ୍ଦ୍ର ମହାପାତ୍ର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିବା ବେଳେ ଏଥିରେ ପ୍ରାନ୍ତ ବରିଷ୍ଠ ସଦସ୍ୟ ଏମ. ରାମେୟା ରେଡ୍ଡୀ, ରଘୁନାଥ ରେଡ୍ଡୀ, ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଅକ୍ଷୟ କୁମାର ସ୍ୱାଇଁ, ଜିଲ୍ଲା ଉପପ୍ରଧାନ ଅରୁଣ କୁମାର ପ୍ରଧାନ, ଜିଲ୍ଲାମନ୍ତ୍ରୀ ରୋହିତ କୁମାର ସେଠୀ, ଜିଲ୍ଲା ସଙ୍ଗଠନ ମନ୍ତ୍ରୀ ରମେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦ୍ର ପ୍ରମୁଖ ଆଦିତ୍ୟ ସ୍ୱାଇଁ, କ୍ଷେତ୍ର ପ୍ରଧାନ କୋରାମଣି ପ୍ରଧାନ ଓ ସସ୍ମିତା ଦାଶ ଏବଂ ଅଭିମନ୍ୟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଶିବିର ଉଦ୍‌ଯାପିତ ହେବ।

## ଦୁଇ ପଡୋଶୀ ଗଣ୍ଡଗୋଳ; ଥାନାରେ ମାମଲା

ରଙ୍ଗେଇଲୁଣ୍ଡା,୨୮ ।୬(ସମିସ): ଗୋଳନ୍ଥରା ଥାନା ଅଞ୍ଚଳରେ ରାସ୍ତା ଉପରେ ଟ୍ରାକ୍ଟର ରଖିବା ନେଇ ଦୁଇ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ସହ ଜଣେ ଖଣ୍ଡା ଧରି ଅନ୍ୟଜଣଙ୍କ ଘର ସମ୍ମୁଖକୁ ଆତଙ୍କ ଖେଳାଇବା ଘଟଣାରେ ଉଭୟ ପକ୍ଷରୁ ଅଭିଯୋଗ ପରେ ଦୁଇଟି ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, କୋଳଥି ଗାଁ ତଳସାହିରେ ରହୁଥିବା ସନ୍ତୋଷୀ ପାତ୍ରଙ୍କ ଘରକାମ ଚାଲୁଥିବାରୁ ଆଜି ସକାଳେ ଏକ ବାଲି ଟ୍ରକ ତାଙ୍କ ଘର ନିକଟକୁ ଆସିଥିଲା। କିନ୍ତୁ ଅକ୍ଷୟ ଦଳାଇଙ୍କ ଘର ସମ୍ମୁଖରେ ତାଙ୍କ ଟ୍ରାକ୍ଟର ପାର୍କିଂ ହୋଇଥିବାରୁ ବାଲି ଟ୍ରକ୍‌ଟି ଆଗକୁ ଯାଇ ପାରିନଥିଲା। ଯାହାକୁ ନେଇ ଅକ୍ଷୟଙ୍କ ପରିବାର ଓ ସନ୍ତୋଷୀ ଓ ତାଙ୍କ ଭାଇ ସଞ୍ଜୟ ପରିଡ଼ାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସଞ୍ଜୟ ଖଣ୍ଡା ଧରି ଅକ୍ଷୟଙ୍କ ଘର ସମ୍ମୁଖକୁ ଯାଇ ଧମକ ଚମକ ଦେଇଥିଲେ। ଏ ନେଇ ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରଲ ହୋଇଛି। ଗାଁରେ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା ବିଫଳ ହେବାପରେ ଅକ୍ଷୟଙ୍କ ସ୍ତ୍ରୀ ଲିଖି ଦଳାଇଙ୍କ ପକ୍ଷରୁ ସଞ୍ଜୟ ଓ ସନ୍ତୋଷୀଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଅନ୍ୟପଟେ ସନ୍ତୋଷୀଙ୍କ ପକ୍ଷରୁ ଅନୁରୂପ ଭାବେ ଅକ୍ଷୟଙ୍କ ପରିବାର ପକ୍ଷରୁ ତାଙ୍କୁ ଓ ତାଙ୍କ ଭାଇଙ୍କୁ ଆକ୍ରମଣ ସହ ଗାଳିଗୁଲଜ ନେଇ ଆଉ ଏକ ଲିଖିତ ଅଭିଯୋଗ କରାଯାଇଛି। ଉଭୟ ପକ୍ଷର ଅଭିଯୋଗକ୍ରମେ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

**ଧରାକୋଟରେ ଦଳିତଙ୍କୁ ନିର୍ଯାତନା ଘଟଣା**

## ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ଘଟଣାସ୍ଥଳ ପରିଦର୍ଶନ

ଧରାକୋଟ,୨୮ ।୬(ସମିସ)

ଗତ ୨୨ ତାରିଖରେ ଖାରିଗୁମା ଠାରେ ଦୁଇଜଣ ଦଳିତ ବ୍ୟକ୍ତିଙ୍କ ଉପରେ ହୋଇଥିବା ଅମାନବୀୟ ନିର୍ଯାତନା ଘଟଣାରେ ପୀଡ଼ିତ ପରିବାରକୁ ସିଙ୍ଗିପୁର ଗ୍ରାମରେ ମିଳିତ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ସଦସ୍ୟ ଶନିବାର ଦିନ ସେମାନଙ୍କ ବାସ ଭବନରେ ଭେଟିଛନ୍ତି। ଏହି ଟିମ୍‌ରେ ଫରୱାର୍ଡ ବ୍ଲକ ସିପିଆଇଏମ୍‌ଏଲ୍ ମିଳିତ ସାମାଜିକ ନ୍ୟାୟ ଅଭିଯାନ ନ୍ୟାୟ ସାମୁଖ୍ୟ ଆମ୍ବେଦକର ବିଚାର ମଞ୍ଚ ସିପିଆଇ,



ଅଗ୍ରଗାମୀ, ମହିଳା ସମିତିଙ୍କ ସହ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ ଫେଡେରେସନର କର୍ମକର୍ତ୍ତା ଥିଲେ। ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ପାଇଁ ସରକାରଙ୍କ ଆଗରେ ଦାବି କରାଯାଇ ଏହି ଘଟଣାର ଦ୍ରୁତ ନ୍ୟାୟ ପ୍ରଦାନ ବ୍ୟବସ୍ଥା କରିବାକୁ ଧରାକୋଟ ଥାନା ଅଧିକାରୀ ଏବଂ ଆସିକା ଉପଖଣ୍ଡ ଅଧିକାରୀ ସନ୍ତୋଷ ଜେନାଙ୍କୁ ଭେଟି ବିଚାରବିମର୍ଷ କରିଛନ୍ତି। ଏହି ଦଳରେ ସାମାଜିକକର୍ମୀ ମାନସ ଜେନା, ସିପିଆଇଏମ୍‌ଏଲ୍ ରେଡ୍ ଷ୍ଟାର ସମ୍ପାଦକ ପ୍ରମିଳା, ସିପିଆଇ ଏମ୍‌ଏଲ୍ ସ୍ୱତନ୍ତ୍ର ଦଳର ମହେନ୍ଦ୍ର ରଂଜନ ପରିଡ଼ା ଫରୱାର୍ଡ ବ୍ଲକର ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର, ସାମାଜିକ ନ୍ୟାୟ ଅଧିକାର ଅକ୍ଷୟ ମଳିକ, ବାସୁଦେବ ଭଟ୍ଟ, ଅଜୟ ମହାପାତ୍ର, ଚିଦାନନ୍ଦ ଜେନା, ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ ଫେଡେରେସନର ସଂଘମିତ୍ର ଜେନା, ଅଗ୍ରଗାମୀ ମହିଳା ସମିତିର ଲକ୍ଷ୍ମୀ ଦୋରା, ଶୁଭଡି ଆଜାଦ୍‌ଙ୍କ ସହ ସିପିଆଇର ଆଞ୍ଚଳିକ ସମ୍ପାଦକ ବିଦେଶୀ ନାହକ ଏବଂ ଛାତ୍ର ବ୍ଲକର ଦିଶା ଆଜାଦ୍ ଆମ୍ବେଦକର ବିଚାର ମଞ୍ଚର ସତ୍ୟନାରାୟଣ ନାଇକ ପ୍ରମୁଖ ପହଞ୍ଚି ଥିଲେ।

## ଘରଚଟିଆ ସୁରକ୍ଷା ଅଭିଯାନରେ ସାମିଲ ହେଲା ରାଇଝୋଲ



ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୨୮ ।୬(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କୁକୁଡ଼ାଖଣ୍ଡି ବ୍ଲକ ରାଇଝୋଲ ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘରଚଟିଆ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ସାଗର କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କେ. ଇନ୍ଦିରା ଦେବୀ ଯୋଗଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଘରଚଟିଆ ତଥା ପରିବେଶ ସୁରକ୍ଷାରେ ଛାତ୍ର ଛାତ୍ରୀଙ୍କ ଭୂମିକା ବିଷୟରେ ବୁଝାଇଥିଲେ। ଛାତ୍ରଛାତ୍ରୀମାନେ ଗ୍ରାମରେ ଘର ଚଟିଆକୁ ସଂରକ୍ଷଣ ସହ ସେମାନଙ୍କ ଯତ୍ନ ପାଇଁ ଶପଥ ପାଠ କରିଥିଲେ।

ପରିଷଦ ତରଫରୁ ଛାତ୍ର ଛାତ୍ରୀମାନଙ୍କୁ କୃତ୍ରିମ ବାସ, ଖାଦ୍ୟ ଥଳି ବଣ୍ଟନ ସହ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଗ୍ରାମର ଘର ଆଗରେ କୃତ୍ରିମ ବସା ଓ ଖାଦ୍ୟ ଥଳି ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ବଦ୍ରିନାଥ ସାବତ, ଦୁର୍ଗା ଶଙ୍କର ପାଢ଼ୀ, ଶିକ୍ଷୟିତ୍ରୀ ସ୍ମିନିତା ପାଢ଼ୀ, ସୁପ୍ରଭା ଚୌଧୁରୀ, ସମ୍ପାଦକ ବିଜେନ୍ଦ୍ର ମାଝୀ, ନଳିନୀକାନ୍ତ ପରିଡା, ରାକେଶ ବିଷୋୟୀ, ପୁରୁଷୋତ୍ତମ ସ୍ୱାଇଁ, ସଞ୍ଜୟ ପାତ୍ର, ଶ୍ରୀକାନ୍ତ ମହାନ୍ତି, ବନମାଳୀ ପ୍ରଧାନ, କାହ୍ନୁ ଚରଣ ଗୌଡ଼, ପିଲି ଗୌଡ଼ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏଟିଏମ କାର୍ଡ ଚୋରି, ଲକ୍ଷାଧିକ ଉଠାଣ

ବ୍ରହ୍ମପୁର,୨୮ ।୬(ସମିସ): ନିମଖଣ୍ଡି ଥାନା ଅଧିନସ୍ଥ ଲୋଚାପଡ଼ା ବଡ଼ସାହି ନିବାସୀ ବି ସଚ୍ଚିଦାନନ୍ଦ ପାତ୍ରଙ୍କ ଏଟିଏମ୍ କାର୍ଡ ଗତ କିଛିଦିନ ପୂର୍ବେ ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ସଚ୍ଚିଦାନନ୍ଦ ଜଣେ ଦିବ୍ୟାଙ୍ଗ ଅଟନ୍ତି। ଲୋଚାପଡ଼ା ଏସବିଆଇ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ଅଛି। ସେ ତାଙ୍କ ଏଟିଏମ କାଡର୍‌କୁ ନିଜ ଗାଡ଼ିରେ ରଖିଥିଲେ। ଉକ୍ତ ଗ୍ରାମର ଜନୈକ ଯୁବକ ତାଙ୍କ ଏଟିଏମ କାଡର୍‌କୁ ଗତ ୧୫ତାରିଖରୁ ଚୋରି କରି ନେଇ ଲୋଚାପଡ଼ା ମେନ୍‌ରୋଡ଼ରେ ଥିବା ଏସ୍‌ବିଆଇ ଓ ଗେଟ୍‌ବଜାର ବଜାର ନିକଟରେ ଥିବା ଏଟିଏମ୍‌ରୁ ପର୍ଯ୍ୟାୟକ୍ରମେ ୧ଲକ୍ଷ ୬୬ହଜାର ୯୬୦ଟଙ୍କା ଉଠାଇଥିଲେ। ଗତ ୧୫ତାରିଖରୁ ୨୬ତାରିଖ ମଧ୍ୟରେ ଏହି ଟଙ୍କା ଉଠାଣ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।

## ରାମେଶ୍ୱର ମନ୍ଦିରରୁ ଚୋରି ଉଦ୍ୟମ

ବାଲିଗୁଡ଼ା/କ.ନୂଆଗାଁ,୨୮ ।୬(ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ଅଞ୍ଚଳରେ ଚଳିତ ମାସରେ ଦୁଇ ଥର ଚୋରି ହୋଇ ଥିବାବେଳେ ଗତ ରାତିରେ ସ୍ଥାନୀୟ ଅଞ୍ଚଳର ବହୁ ପୁରାତନ ଆରାଧ୍ୟ ଦେବ ରାମେଶ୍ୱର ମନ୍ଦିରରେ ଚୋରି ଉଦ୍ୟମ ହୋଇଥିଲା। ହେଲେ ଚୋର ଏଥିରେ ସଫଳ ହୋଇପାରି ନଥିଲେ। ଚଳିତ ମାସ ଆରମ୍ଭରେ ସୁରାପାଙ୍ଗାରେ ଦିନ ଦ୍ୱିପହରେ ଚୋରି ହୋଇଥିଲା। ପରେ ଚଣାପଦର ଜିଓ ଟାୱାର ନିକଟରେ ଘର କରି ରହୁଥିବା ଦେବେନ୍ଦ୍ର ମହାପାତ୍ରଙ୍କ ଦୋକାନରୁ ଚୋରି ହୋଇଥିବା ଥାନାରେ ଏତଲା ହୋଇଛି। ପୁଣି ଆଜି ରାମେଶ୍ୱର ମନ୍ଦିର ସେବକ ସକାଳେ ସେବା କରିବା ପାଇଁ ଆସି ଦେଖିଲା ଚୋର ମନ୍ଦିରର ତିନୋଟି ଗ୍ରୀଲ ତାଲା ଭାଙ୍ଗି କୁରାଢ଼ିରେ କାଠ କବାଟକୁ ହାଣି କଣା କରି ଚୋରି ଉଦ୍ୟମ କରି ଥିବା ଗ୍ରାମରେ ପ୍ରକାଶ କରିଥିଲେ।




ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୁଲିସକୁ ଖବର ଦିଆଯାଇଥିଲା। ସମସ୍ତଙ୍କ ଉପସ୍ଥିତିରେ ପୁଲିସ ଅନୁସନ୍ଧାନ କରିଥିଲା। ଚୋର ଗର୍ଭଗୃହ ଭିତରକୁ ଯାଇ ନ ପାରି ଲୁହା ରଡ଼ ବ୍ୟବହାର କରି ରୋଷଶାଳା ତାଲା ଭାଙ୍ଗି ଦେଇଥିଲା। ପୁଲିସ ପାଟ୍ରୋଲିଂ ସତ୍ତ୍ୱେ ଚୋର ବାରମ୍ବାର ଚୋରି କରି ପୁଲିସକୁ ଚାଲେଞ୍ଜ ଦେଇଥିବା ବେଳେ ରାମେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଉପ ସଭାପତି ବିକ୍ରମ ବିଶି ମାଝୀ, କୋଷାଧ୍ୟକ୍ଷ ଅଚ୍ୟୁତ ବେହେରା, ବରିଷ୍ଠ କର୍ମକର୍ତ୍ତା ସଦାନନ୍ଦ ବିଶି ମାଝୀ, ଗୋପୀନାଥ ପାତ୍ର, ଦେବରାଜ ପାତ୍ର ଓ ବାଳକୃଷ୍ଣ ସାହୁ ପାଟ୍ରୋଲିଂ ଜୋରଦାର କରି ଚୋରକୁ ସାବାଡ କରିବାକୁ ଦାବି କରିଛନ୍ତି।

## ଦଳିତଙ୍କୁ ନିର୍ଯାତନା ଘଟଣା; ଗିରଫ ସଂଖ୍ୟା ୧୩କୁ ବୃଦ୍ଧି

ଧରାକୋଟ,୨୮ ।୬(ସମିସ): ଧରାକୋଟ କଙ୍ଗାରୁ କୋର୍ଟ ଘଟଣାରେ ଗିରଫ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଅଭିଯୁକ୍ତ ଜଣକ ହେଲେ ଜାହାଡ଼ର ଜଗବନ୍ଧୁ ସ୍ୱାଇଁ। ପୂର୍ବରୁ ଏହି ଘଟଣାରେ ପ୍ରଥମ ପର୍ଯ୍ୟାୟରେ ୯ଜଣ, ଦ୍ୱିତୀୟ ପର୍ଯ୍ୟାୟରେ ୩ ଜଣ ଗିରଫ ହୋଇଥିଲେ। ସୂଚନାଯୋଗ୍ୟ ଗତ ୨୨ତାରିଖରେ ଦୁଇ ଜଣ ଦଳିତ ଯୁବକ ଗାଈ ନେଇ ଯାଉଥିବାବେଳେ ଗୋରକ୍ଷ ନାଁରେ କିଛି ଯୁବକ ସେମାନଙ୍କୁ ଅଟକାଇ ମାଡ଼ ମାରିବା ସହ ଅଧା ମୁଣ୍ଡନ କରିଥିଲେ। ଏହା ପରେ ଉଭୟଙ୍କୁ ନର୍ଦ୍ଦମା ପାଣି ପିଆଇଥିଲେ। ଏହି ଘଟଣା ଏବେ ରାଜ୍ୟ ସମେତ ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ହାଇଟେକ୍ ମେଡିକାଲ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ପାରଳାଖେମୁଣ୍ଡି,୨୮ ।୬(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ରଥଯାତ୍ରାରେ ହାଇଟେକ ମେଡିକାଲ କଲେଜ ତରଫରୁ ଜନସାଧାରଣଙ୍କ ପାଇଁ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଶିବିରକୁ ଜିଲ୍ଲାପାଳ ବିଜୟ କୁମାର ଦାସ ଉଦଘାଟନ କରିଥିବା ବେଳେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଉପସ୍ଥିତ ଥିଲେ। ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଦୀପ କୁମାର ନାୟକ, ପୌରାଧ୍ୟକ୍ଷା ନିର୍ମଳା ସେଠୀଙ୍କ ସମେତ ବହୁ ବିଜେଡି ନେତା ଓ ପୌରପରିଷଦର ବିଭିନ୍ନ ୱାର୍ଡର କାଉନସିଲର ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ବହୁ ଲୋକେ ଆସି ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

**ବନ୍ଧ ନା' ଆବର୍ଜନା କୁଣ୍ଡ**

## ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ଦାଶବନ୍ଧ

ଗଞ୍ଜାମ,୨୮ ।୬(ସମିସ)

ଗଞ୍ଜାମ ସହରରେ ରହିଥିବା ପୋଖରୀ ଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ସ୍ନାନ ଉପଯୋଗୀ ହୋଇପାରୁନଥିବା ପରିଲକ୍ଷିତ ହୋଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ସହରରେ ରହିଥିବା ଦାଶବନ୍ଧରେ ଦଳ ଭର୍ତ୍ତି ହେବା ସହ ଗଛ ଲତାରେ ପରିପୂର୍ଣ୍ଣ ହୋଇପଡିଛି। ଉକ୍ତ ପୋଖରୀରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ବିଭିନ୍ନ ଗ୍ରାମରୁ ବିକ୍ରିବଟା କରିବାକୁ ସହର ଆସୁଥିବା ପରିବା ବ୍ୟବସାୟୀ ମାନେ ନିର୍ଭର କରିଥାନ୍ତି। ହେଲେ ଆବର୍ଜନା କୁଣ୍ଡ ସଦୃଶ ହୋଇଥିବା ଏହି ବନ୍ଧ ଏବେ



ସ୍ନାନ କରିବା ଲାଗି ଅନୁପଯୁକ୍ତ ହୋଇଛି। ଫଳରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦଳ ଗୁଡିକ ପଚି ଯାଉଥିବାରୁ ସ୍ନାନ କରିବା ଯୋଗୁଁ କୁଣ୍ଡିଆ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଗଛ ଲତା ପରିପୂର୍ଣ୍ଣ ଫଳରେ ବିଷାକ୍ତ ସରୀସୃପ ଭୟ ରହିଛି। ଏନେଇ ସ୍ଥାନୀୟ ୪ ନମ୍ବର ବରିଷ୍ଠ ନାଗରିକ ମକୁନ୍ଦ ମହାରଣା କ୍ଷୋଭ ପ୍ରକାଶ କରିବା ସହ ଏନଏସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନଥିବା କହିଛନ୍ତି। ତେଣୁ ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଦଳ ଓ ଗଛ ଲତା ବାହାର କରିବା ବ୍ୟବସ୍ଥା କରିବାକୁ ଦୃଢ଼ ଦାବି ହେଉଛି।

## ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି; ଭକ୍ତଙ୍କ ଭିଡ଼



ପାରଳାଖେମୁଣ୍ଡି,୨୮ ।୬(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ରଥଯାତ୍ରାର ଦ୍ୱିତୀୟ ଦିନରେ ଆଜି ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ପୂଜାପାଉଛନ୍ତି। ଗତକାଲି ବିଳମ୍ବିତ ସନ୍ଧ୍ୟାରେ ପହଣ୍ଡି ହୋଇ ଶ୍ରୀଗୁଣ୍ଡିଚାରେ ବିରାଜମାନ ହୋଇଥିଲେ ତିନି ଠାକୁର। ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ପଡୋଶୀ ଆନ୍ଧ୍ରପ୍ରଦେଶରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଆସୁଥିବା ଲକ୍ଷ୍ୟ କରାଯାଇଛି। ରଥଯାତ୍ରା ଉପଲକ୍ଷେ ଆଜି ଠାରୁ ଆନନ୍ଦ ବଜାର ଖୋଲାଯାଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି। ସେହିପରି ମୀନାବଜାରରେ ମଧ୍ୟ ପ୍ରବଳ ଭିଡ ପରିଲିକ୍ଷିତ ହୋଇଛି। ଯାତ୍ରା ପାଇଁ ବିଭିନ୍ନ ଦୋକାନୀ ପସରା ମେଲାଇଛନ୍ତି। ଶାନ୍ତିଶୃଙ୍ଖଳା ପରିଚାଳନା ପାଇଁ ପ୍ରଶାସନ ଓ ରଥଯାତ୍ରା କମିଟି ପକ୍ଷରୁ ବନ୍ଦୋବସ୍ତ ହୋଇଥିବା ବେଳେ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଛନ୍ତି।

## ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲା ରଥ

ଧରାକୋଟ,୨୮ ।୬(ସମିସ): ଧରାକୋଟଗଡ଼ର ବ୍ୟତିକ୍ରମ ପରମ୍ପରା ଅନୁଯାୟୀ ଗୁଣ୍ଡିଚା ପରଦିନ ଅର୍ଥାତ ଶନିବାର ଦିନ ଅପରାହ୍ନ ଚାରିଟାରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଡାହୁକର ଗୀତ ସହ ଘଣ୍ଟ ଘଣ୍ଟା କାହାଳୀର ତାଳେ ତାଳେ ଭକ୍ତମାନେ ରଥ ଟାଣିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ଗୁଣ୍ଡିଚା ମନ୍ଦିର ଆଗରେ ପହଞ୍ଚିଥିଲା। ସେଠାରେ ତିନି ଠାକୁରଙ୍କୁ ବଡପଣ୍ଡା ସନ୍ଧ୍ୟା ଆଳତୀ ପ୍ରଦାନ କରିଥିଲେ। ରବିବାର ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ଆଡ଼ପ ମଣ୍ଡପରେ ଉପବିଷ୍ଟ କରାଯିବ। ଆଜିର ଯାତ୍ରାରେ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ସାମିଲ ହୋଇଥିବା ବେଳେ ଧରାକୋଟ ପୁଲିସ ତରଫରୁ ଆଇନଶୃଙ୍ଖଳା କାର୍ଯ୍ୟ ପରିଚାଳନା କରାଯାଇଥିଲା।

## ଦିଗପହଣ୍ଡିରେ ବାସୀ ଗୁଣ୍ଡିଚା





ଦିଗପହଣ୍ଡି,୨୮ ।୬(ସମିସ): ଦିଗପହଣ୍ଡିରେ ଅନେକ ବର୍ଷ ପୂର୍ବରୁ ଚାଲି ଆସିଥିବା ବାସୀ ଗୁଣ୍ଡିଚା ଯାତ ପରମ୍ପରା ପ୍ରକାରେ ଶନିବାର ଅପରାହ୍ନ ଠିକ୍ ୪ଟା ୪୫ମିନିଟରେ ରଥଟଣା ଆରମ୍ଭ ହୋଇଥିଲା। ପାଗ ଅନୁକୂଳ ରହିଥିବା ଯୋଗୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ବଡରଥ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଗଡିବା ଆରମ୍ଭ କରିଥିଲା। ରଥର ବେଗ ଏବଂ ମୋଡ ନିୟନ୍ତ୍ରଣ ପାଇଁ ବିଶ୍ୱକର୍ମା ସେବକ ବୃନ୍ଦ ନିୟୋଜିତ ଥିବା ବେଳେ ଭିଡ଼ ନିୟନ୍ତ୍ରଣ ତଥା ଶୃଙ୍ଖଳିତ ରଥଟଣା ସମ୍ପନ୍ନ ପାଇଁ ଦିଗପହଣ୍ଡି ପୁଲିସ, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଉପସ୍ଥିତ ସହଯୋଗ କରିଥିଲେ। ସନ୍ଧ୍ୟା ୬ଟାବେଳେ ବଡରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଶ୍ରୀଦଧିବାମନ ଜଗନ୍ନାଥ ମହାପ୍ରଭୁଙ୍କ ବିଜେ ସାନରଥକୁ ଶ୍ରଦ୍ଧାଳୁ ମାନେ ଟାଣିବା ଆରମ୍ଭ କରିଥିଲେ। ମାତ୍ର ୪୦ ମିନିଟ ସମୟ ମଧ୍ୟରେ ସାନରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚି ଯାଇଥିଲା। ରଥଟଣା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ଯୋଗୁଁ ଯାତ୍ରା ପରିଚାଳକ ଦେବୀପ୍ରସାଦ ରଥ ଧନ୍ୟବାଦ ଜଣାଇଛନ୍ତି।

## କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଜୟନ୍ତୀ



ପାରଳାଖେମୁଣ୍ଡି,୨୮ ।୬(ସମିସ): ଗୋପାଳକୃଷ୍ଣ ସ୍ମୃତି କଳା ପରିଷଦ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ରୀତିଯୁଗର ଶ୍ରେଷ୍ଠ ଗୀତି କବି ଭକ୍ତକବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ୨୪୨ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ରାଜେନ୍ଦ୍ର କୁମାର ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟଅତିଥି ଭାବେ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ମନୋଜ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ସମ୍ମାନିତ ବକ୍ତା ଭାବେ ଇଂ. ଶ୍ୱେତା ପଟ୍ଟନାୟକ ଓ ବ୍ରଜାନନ୍ଦ ପଟ୍ଟନାୟକ ଯୋଗ ଦେଇଥିଲେ । ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କବିଙ୍କର ବର୍ଣ୍ଣନା ଗୀତ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଗୋପାଳ ନାୟକ, ଶ୍ୟାମସୁନ୍ଦର ଗନ୍ତାୟତ, ଡ.ନରସିଂହ ଗୌଡ, ଭାଗବତ ପାଢୀ, ସ୍ନେହକ୍ଷ ବେହେରା ଓ ତ୍ରିପତି ପଣ୍ଡା ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ । ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ତନିଶା ବେବର୍ତ୍ତା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ପ୍ରାରମ୍ଭିକ ସଙ୍ଗୀତ ନୟନା ପଟ୍ଟନାୟକ ଗାଇଥିବା ବେଳେ ଶେଷରେ ରାଜେଶ୍ୱରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ



ପାରଳାଖେମୁଣ୍ଡି,୨୮ ।୬ (ସମିସ): ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବକାରୀ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବନନ୍ଦ ନାୟକ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରାକ୍ ଅଲ୍ଲୀ ଓ ବ୍ରହ୍ମକୁମାରୀ ସୁଜାତା ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଗଜପତି ଜିଲ୍ଲାର ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହୋଇ ସୁସ୍ଥ ଓ ସଫଳ ଜୀବନଯାପନ କରୁଥିବା ଗୁମ୍ମା ବ୍ଲକର କୃଷ୍ଣଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଏହି ଅବସରରେ ସକାଳେ ଅନୁଷ୍ଠିତ ସଚେତନତା ପଦଯାତ୍ରାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତିନ୍ଦ୍ର କୁମାର ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରଥିଲେ । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ମଧ୍ୟ ଏକ ପଦଯାତ୍ରା କରାଯାଇଥିଲା । ଏହାକୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ଶୁଭାରମ୍ଭ କରିଥିଲେ ।

## ଜିଲ୍ଲା ଆଇନସେବା ପ୍ରାଧିକରଣର ସଚେତନତା ଶିବିର




ପାରଳାଖେମୁଣ୍ଡି,୨୮ ।୬(ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ମାଦକଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧ ଦିବସ ଅବସରରେ କାଶୀନଗର ବ୍ଲକ ଖାରଡା ଗ୍ରାମସ୍ଥିତ ବି.ଏମ୍. ହାଇସ୍କୁଲ ପରିସରରେ ଏକ ଜନଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିମଳ ରାଉଳ ଅଧ୍ୟକ୍ଷତା କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଏହି ଦିବସ ପାଳନର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ବି.ଏମ୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ଆମୋସ୍ ଲିମା, ଡିସିପିଓଙ୍କ ପ୍ରତିନିଧି ତଥା ଆଇନ ସହାୟକ ଜେ. ବଡତ୍ୟା, ଅବକାରୀ ବିଭାଗ ନିରୀକ୍ଷକ ମନୁ ଆୟଲ, ଓଏସସିର କେନ୍ଦ୍ରୀୟ ପ୍ରଶାସକ ସୁନିତା ରଥ, ଖଗେଶ୍ୱର ଚୌଧୁରୀ, ହାଡୁଭାଙ୍ଗି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ଼ା.ଅଳକା ନନ୍ଦା ଓ ଡ୍ରଗ୍ସ ଇନସ୍ପେକ୍ଟର ପ୍ରସନ୍ନ କୁମାର ମଲ୍ଲିକ ମଞ୍ଚାସୀନ ଥିଲେ ।

## ଆଇନ ସଚେତନତା ଶିବିର



ବ୍ରହ୍ମପୁର,୨୮ ।୬(ସମିସ): ପୁରୁଣା ବ୍ରହ୍ମପୁର ଅଞ୍ଚଳର ବାଉରି ସାହି କମ୍ୟୁନିଟି ହଲ ପରିସରରେ ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ଡ. ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ 'ମୌଳିକ କର୍ତ୍ତବ୍ୟ' ଏବଂ 'ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା' ବିଷୟକୁ ନେଇ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଏସିଜିଏମ ବ୍ରହ୍ମପୁର ମୁସାରାଓ ଜହିମ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଦସ୍ୟ ଟି.କେ ରେଡ୍ଡୀ, ସଦସ୍ୟା ଡ. ମିନାକ୍ଷୀ ଦେବୀ, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ, ପେନେଲ ଓକିଲ ସଂଗ୍ରାମ ପ୍ରଧାନଙ୍କ ସମେତ ବହୁ ବାସିନ୍ଦା ଉପସ୍ଥିତ ଥିଲେ ।

### ଯାତାୟତରେ ବାଧକ ସାଜିଛି ମାଦେପାଙ୍ଗା ନାଳ

# କାଠ ପକାଇ ପାରି ହେଉଛନ୍ତି ଗ୍ରାମବାସୀ

ଫିରିଙ୍ଗିଆ,୨୮ ।୬(ସମିସ)



ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତର ୨ଟି ୱାର୍ଡର ୧୫୦ ଘରରୁ ଅଧିକ ଲୋକଙ୍କ ପାଇଁ ବର୍ତ୍ତମାନ ଯାତାୟତରେ ବାଧକ ସାଜିଛି ମାଦେପାଙ୍ଗା ନାଳ । ପୂର୍ବରୁ ବର୍ଷାଦିନ ଆସିଲେ ଗ୍ରାମବାସୀଙ୍କ ପାଇଁ କାଠପୋଲ ଭରସା ହେଉଥିବାବେଳେ ପୋଲ ଭାସିଗଲେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଉଥିଲା । ବାରମ୍ବାର ଦାବି ପରେ ବାଦେଦ୍ରାଗା ନାଳ ତଳକୁ ଏକ ପୋଲ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁରୀ ହୋଇ କାର୍ଯ୍ୟ ଚାଲିଥିବା ବେଳେ ଏବେ ଆଉ ଗୋଟିଏ ନାଳ ମାଦେପାଙ୍ଗା ନାଳ ଯାତାୟତରେ ବାଧକ ସାଜିଛି । ଏହି ନାଳ ପାଙ୍ଗା ପଞ୍ଚାୟତଠାରୁ କାଳିକୁଟି ଦେଇ ଯାଇଥିବା ରାସ୍ତା ମଝିରେ ପଡୁଛି । ଏହି ନାଳରେ ପ୍ରତିବର୍ଷ ଲୋକେ କାଠପୋଲ କରି କିମ୍ବା

### ଗୋଡ଼ ଖସିଲେ ଜୀବନ ଗଲା

କାଠକୁ ଗଛ ସହ ଯୋଡି ବିପଦପୂର୍ଣ୍ଣ ଭାବରେ ଯାତାୟତ କରୁଛନ୍ତି । ପ୍ରତିବର୍ଷ ବର୍ଷାରେ ଧୋଇ ହୋଇଯାଏ ପୁଣି ନିଜ ଖର୍ଚ୍ଚରେ କାଠ ଆଣି ପୋଲ ନିର୍ମାଣ କରିଥାଆନ୍ତି ଗ୍ରାମବାସୀ । ବିଦ୍ୟାଳୟଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଏମିତି କି ପ୍ରତ୍ୟେକ କାର୍ଯ୍ୟ ପାଇଁ କାଠ ପୋଲ ଉପରେ ନିର୍ଭର କରିବାକୁ ପଡିଥାଏ । ବର୍ତ୍ତମାନ କିଛିଦିନ ହେବ ବର୍ଷା ଲାଗି ରହିଥିବାରୁ ମାଦାପଙ୍ଗା ନାଳରେ ପ୍ରବଳ ବର୍ଷା ପାଣି ଆସିଛି । ବିପଦପୂର୍ଣ୍ଣ ଭାବରେ ୮ ଓ ୯ ନମ୍ବର ୱାର୍ଡର ମାର୍କାଲି, ସିକେରି, ଡେଡ଼ିସରୁ, ମାଦାପଙ୍ଗା, ଭୁଟୁ କୁପଡା, ଶ୍ରାହାପେଲି ପଙ୍ଗା, କୁଟି ପାଡା ଭଳି ୮ରୁ ୧୦ଗାଁର ଲୋକେ ଯାତାୟତ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି । ତୁରନ୍ତ ମାଦେପାଙ୍ଗା ନାଳରେ ଯାତାୟତ ସୁବିଧା ପାଇଁ ପୋଲ ନିର୍ମାଣ କରି ୨ ୱାର୍ଡବାସୀଙ୍କୁ ସୁବିଧା ଯୋଗାଇ ଦେବାକୁ ସନ୍ତୋଷ କହଁର, ତ୍ରିଲୋଚନ କହଁର, ବିଭୀଷଣ କହଁର, ପ୍ରଶାନ୍ତ କହଁର ଓ ସତ୍ୟ ବଗର୍ତ୍ତିଙ୍କ ସହ ସମୂହ ଅଞ୍ଚଳବାସୀ ଦାବି କରିଛନ୍ତି ।

### ହିଲ୍‌ଟପ ସ୍ନାତକ ମହାବିଦ୍ୟାଳୟ

## ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା



ମୋହନା,୨୮ ।୬(ସମିସ): ସ୍ଥାନୀୟ ହିଲ୍‌ଟପ ସ୍ନାତକ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱର ପକ୍ଷରୁ ଦିନିକିଆ ଭାଷା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭ୍ରାକାନ୍ତ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଡ. ପ୍ରଣବାନନ୍ଦ ପାଟଯୋଶୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ପ୍ରଥମ ପର୍ଯ୍ୟାୟ ଆଲୋଚନା ଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରଫେସର ଡ.ସଦାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଆଲୋଚକ ଭାବେ ବିଶିଷ୍ଟ ସାହିତ୍ୟିକ ଡ. କୁଳମଣି ଓଝା, ପାରଳାଖେମୁଣ୍ଡି ମହିଳା ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ରୀନା ସାହୁ, ଡ଼ିଆରଡ଼ିଏ ପାରଳାଖେମୁଣ୍ଡି ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପୃଥ୍ୱୀରାଜ ମଣ୍ଡଳ ଏବଂ ଭାଷା ପ୍ରତିଷ୍ଠାନର ବିତ୍ତ ପ୍ରଶାସକ ଡ. କ୍ଷେତ୍ରବାସୀ ମାନସେଠ ଯୋଗ ଦେଇଥିଲେ । ଉଦଯାପନୀ ପର୍ବରେ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବ୍ରହ୍ମପୁର ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ ପୌରହିତ୍ୟ କରି ପ୍ରାଥମିକ ସ୍ତରରୁ ସମସ୍ତେ ଓଡ଼ିଆ ଭାଷା ପ୍ରତି ଗୁରୁତ୍ୱ ପ୍ରଦାନ କଲେ ଆମ ଭାଷା ସମୃଦ୍ଧ ହୋଇପାରିବ ବୋଲି ମତ ପୋଷଣ କରିଥିଲେ । ମୁଖ୍ୟଅତିଥି ଭାବେ ସାହିତ୍ୟିକ ସୁଶାନ୍ତ ଦାସ, ମୁଖ୍ୟବକ୍ତା ଭାବେ କ୍ଷେତ୍ରବାସୀ ମାନସେଠ ଯୋଗ ଦେଇଥିଲେ ।

## ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

ବେଲଗୁଣ୍ଠା,୨୮ ।୬(ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ରାଜନିତୀ ବିଜ୍ଞାନ ବିଭାଗର ପାଠଚକ୍ର ଡ଼. ପ୍ରଫୁଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପାଠଚକ୍ରର ଶୀର୍ଷକ 'ସମ୍ବିଧାନ ହତ୍ୟା ଦିବସ ତଥା ରାଜନୀତି ବିଜ୍ଞାନ ବିଷୟବସ୍ତୁ ମୁଖବନ୍ଧ ରହିଥିଲା ଏବଂ ଏହାକୁ ପାଠ କରିଥିଲେ ସୁଶ୍ରୀ ଶ୍ରାବଣୀ ସ୍ୱାଇଁ । ଅଧ୍ୟାପକ ଜେନାଙ୍କ ସମେତ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ଅଶୋକ ସ୍ୱାଇଁ ଏବଂ ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଅଶୋକ ପ୍ରଧାନ, ଅଜୟ ବିଶ୍ୱାଳ, ସପନ ପ୍ରଧାନ, ଗ୍ରନ୍ଥାଗାରିକ ରଞ୍ଜିତ ସମାଲ, ଶାରିରୀକ ଶିକ୍ଷା ଶିକ୍ଷକ ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ସଭାପତି, ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ସମ୍ବିଧାନ ହତ୍ୟା ଦିବସ ଓ ସମ୍ବିଧାନର ମୁଖବନ୍ଧ ଉପରେ ଆଲୋଚନା କରିଥିଲେ । ପାଠଚକ୍ରରେ +୩ ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷର ବହୁ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପକ ଡ଼.ଜେନା ପାଠଚକ୍ରର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଛାତ୍ରୀ ଶ୍ରାବଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମେଧା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜି.ଉଦୟଗିରି,୨୮ ।୬(ସମିସ): ଜି.ଉଦୟଗିରି ସରସ୍ୱତୀ ଶିଶୁମନ୍ଦିରରେ ମାଟ୍ରିକ ପରୀକ୍ଷାରେ ଭଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସଭାପତି ବିନୋଦ ବିହାରୀ ଦାଶଙ୍କ ସଭାପତିତ୍ୱ ଓ ପ୍ରଧାନ ଗୁରୁଜୀ ମାଧବାନନ୍ଦ ଦାସ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂପାଦକ ଶିବରାମ ସାହୁଙ୍କ ସହିତ ଅବସରପ୍ରାପ୍ତ ଅଧ୍ୟାପକ ଲଡୁ କିଶୋର ସାହୁ, ପୂର୍ବତନ ସଭାପତି ରାଜେନ୍ଦ୍ର ମହାପାତ୍ର, ଶିକ୍ଷକ ଗୋଲକ ପଟନାୟକ, ପବିତ୍ର ସାହୁ ଓ ପ୍ରଧାନ ଶିକ୍ଷକ ମହମ୍ମଦ ଜାମିଲ ଅତିଥି ଭାବେ ଯୋଗ ଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରିଥିଲେ ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ



ବ୍ରହ୍ମପୁର,୨୮ ।୬(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଗୁରୁବାର ୯୭ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏ ଅବସରରେ ବିଜିପୁର ପୋଖରୀରେ ତିଳତର୍ପଣ କରାଯାଇଥିଲା । ଏହାପରେ ଗିରିରୋଡ ଗୋପବନ୍ଧୁ ଛକରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇଙ୍କ ସମେତ ବିଜେପି ନେତା ଟି. ଗୋପୀ, କାହ୍ନୁଚରଣ ପତି, ବନମାଳୀ ପ୍ରଧାନ, କର୍ପୋରେଟର ସମୀର ମିଶ୍ର, ପ୍ରମୋଦ ଜେନା, ପରିବେଶବିତ ସୁଧୀର ରାଉତ, ଡ. ରମେଶ ପ୍ରଧାନ, ହରିକୃଷ୍ଣ କୋଠିଆ, ପଲ୍ଲବ ଦାସ, ଡ. ଶଙ୍କର ମାଝି, ଅଶୋକ ସାମନ୍ତ, ଡ. ସାଗର ତ୍ରିପାଠୀ, ଶ୍ୟାମସୁନ୍ଦର ଖାଡଙ୍ଗା, ତ୍ରିନାଥ ମହାରଣା ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ ।

## ଫେରାର ଅଭିଯୁକ୍ତଙ୍କ ଘରେ ଲଟ୍‌କା ଲାଗିଲା

କୋଦଳା,୨୮ ।୬(ସମିସ): ବେଗୁନିଆପଡା ଥାନା ଅନ୍ତର୍ଗତ ବେଗୁନିଆପଡାର ୨ ଅଭିଯୁକ୍ତ ଚରଣ ମାଝୀ ଓ ପୂର୍ଣ୍ଣବାସୀ ମାଝୀଙ୍କ ସମ୍ପତ୍ତି ବ୍ୟଜ୍ୟାପ୍ତ ପାଇଁ ବେଗୁନିଆପଡା ପୁଲିସ ସେହି ୨ ଜଣଙ୍କ ଘର ଆଗରେ ନୋଟିସ ଲଟକା ଲଗାଇଛି । ୧୯୯୯ ମସିହାରେ ଖଲ୍ଲିକୋଟ ସ୍ଥିତ ଜେଏମଏଫସିରେ ଚାଲିଥିବା ଏକ ମାମଲାରେ ଉପସ୍ଥିତ ହେଉନଥିବା ସହ ଉଭୟେ ଫେରାର ଥିଲେ । ଉଭୟ ଫେରାର ଅଭିଯୁକ୍ତ ଯଦି ୧ ମାସ ମଧ୍ୟରେ ପୁଲିସ ପାଖରେ ହାଜର ନହୁଅନ୍ତି ତେବେ ସେମାନଙ୍କ ସମ୍ପତ୍ତି ବ୍ୟାଜପ୍ତ ପାଇଁ ପୁଲିସ ପକ୍ଷରୁ ଏହି ନୋଟିସ ଜାରି କରାଯାଇଛି ।

## ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ

ବ୍ରହ୍ମପୁର,୨୮ ।୬(ସମିସ): ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ପାଳିତ ହୋଇଛି । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଡ. ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ମନ୍ମୟୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ଜାନକୀ ବିଶ୍ୱାଳ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ ଆୟୁଷ୍ମାନ ମହନ୍ତ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ କମ ଜେଜେବି ମୁଖ୍ୟ ବିଚାରପତି ଶର୍ମିଷ୍ଠା ଦାସ, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ରାଧାକାନ୍ତ ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଦସ୍ୟା ଡ. ମିନାକ୍ଷୀ ଦେବୀ, ସଦସ୍ୟା ସବିତା ସାହୁକାର, ପେନେଲ ଓକିଲ କୁମରେଶ ପଣ୍ଡା, ସଂଗ୍ରାମ ପ୍ରଧାନ, ପାରାଲିଗଲ ସ୍ୱେଚ୍ଛାସେବୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

## ୨ ମହିଳା ଗୋଷ୍ଠୀକୁ ଦ୍ୱିତୀୟ ପର୍ଯ୍ୟାୟ ଋଣ

ଚକାପାଦ,୨୮ ।୬(ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୦ ଲକ୍ଷ ଋଣ ପ୍ରଦାନ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଡ଼ିଓ ହୃଦରଞ୍ଜନ ସାହୁ, ବ୍ୟାଙ୍କ ପରିଚାଳକ ଲିପୁନ ବେହେରା, ଅତିରିକ୍ତ ଶାଖା ପରିଚାଳକ ଗିରିଜା ଶଙ୍କର ବେହେରା, ବ୍ୟାଙ୍କ କର୍ମଚାରୀ ହରିଶ ମଲ୍ଲିକ ଓ ଦିଲୀପ ପାତ୍ର, ବ୍ଲକ ବିପିଏମ ସୂର୍ଯ୍ୟକାନ୍ତ କରଣ ଯୋଗ ଦେଇଥିଲେ । ଶଙ୍କରାଖୋଲ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ଓ ଗୁଡାରି ସାହି ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସୂଚନା ପ୍ରକାରେ ଦୁଇ ଗୋଷ୍ଠୀକୁ ପୂର୍ବରୁ ବ୍ୟବସାୟ କରିବାକୁ ଋଣ ଦିଆଯାଇଥିଲା । ଉଭୟ ଗୋଷ୍ଠୀ ଭଲ କାରବାର କରି ଲାଭ କରିଥିବାରୁ ସେମାନଙ୍କୁ ଦ୍ୱିତୀୟ ବାର ଋଣ ଅର୍ଥ ପ୍ରଦାନ କରାଯାଇଛି ।

## କୁଇ ସମାଜ ବୈଠକ

ଚକାପାଦ,୨୮ ।୬(ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଲାଇନପଡା ଆଦିବାସୀ ପଡିଆରେ କୁଇ ସମାଜ ସେବାସମିତି ଲାଇନପଡ଼ା ଶାଖାର ଦିନିକିଆ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ନବକିଶୋର କହଁର, ସମ୍ପାଦକ ମଦନ ମୋହନ କହଁର, ସହ ସଂପାଦକ ଅଗସ୍ତି କୁମାର ମଲ୍ଲିକ, କୋଷାଧ୍ୟକ୍ଷ ନିରଞ୍ଜନ କହଁର ଯୋଗ ଦେଇଥିଲେ । ବଲ୍ଲଭ ପ୍ରଧାନ, ରାଜେନ୍ଦ୍ର କୁମାର ପ୍ରଧାନ ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ । ଦୀର୍ଘ ଦିନ ହେଲା ଲାଇନପଡ଼ା ଶାଖା କୁଇ ସମାଜ ନିମନ୍ତେ ଏକ ସଭାଗୃହ ଆବଶ୍ୟକ ଥିବା ବେଳେ ସେଥିନେଇ କାମ ଆରମ୍ଭ ହୋଇଛି ।

## କାଦୁଅ ପଚ ପଚ ଶ୍ରୀରାମପଲ୍ଲୀ ଗାଁ ରାସ୍ତା



ବାଲିଗୁଡ଼ା/କ.ନୂଆଗାଁ,୨୮ ।୬(ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ କୁଡୁତୁଲି ପଞ୍ଚାୟତ ଶ୍ରୀରାମପଲ୍ଲୀ ତଳସାହି ରାସ୍ତା ମରଣଯନ୍ତା ପାଲଟିଛି । ସାହିରେ ୪୦ ପରିବାର ବସବାସ କରୁଛନ୍ତି । ଜନଗହଳିପୂର୍ଣ୍ଣ ଏହି ରାସ୍ତା କାମ ପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ । ପଞ୍ଚାୟତ ଠୁ ଆରମ୍ଭ କରି ବ୍ଲକ ଏବଂ କଲେଜ, ସ୍କୁଲ ଛାତ୍ରଛାତ୍ରୀ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି । ରାସ୍ତା ମାଟି କାଦୁଅରେ ଶୋଚନୀୟ ହୋଇଥିବା ହେତୁ ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଛି । ବର୍ଷା ହେଲେ ଖାଲରେ ପାଣି ଜମି ରହୁଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି । ରାସ୍ତା ନିର୍ମାଣ ପାଇଁ ଅଭିଯୋଗ କରାଯାଇଥିଲେ ହେଁ କେହି ଶୁଣୁନାହାନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି । ସରପଞ୍ଚକୁ କହିଲା ପରେ କଣ ହୋଇପାରିବ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି । ଅଭିମନ୍ୟୁ ବେହେରଦଳାଇ, ସାରଙ୍ଗଧର ପାତ୍ର, ସୂର୍ଯ୍ୟ ପାତ୍ର, ବିରୁପାକ୍ଷ ବେହର୍ଦଳାଇ, ଦକ୍ଷ ବେହର୍ଦାଲାଇ, ଧିରେନ୍ ସାହୁ, କିଶୋର ପାତ୍ର ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ନୂତନ ସବ୍‌ରେଜିଷ୍ଟ୍ରାରଙ୍କ ଯୋଗଦାନ



ଖଲ୍ଲିକୋଟ,୨୮ ।୬(ସମିସ): ଖଲ୍ଲିକୋଟ ସବ୍‌ରେଜିଷ୍ଟ୍ରାର ଅଫିସରେ ଗୁରୁବାର ନୂତନ ସବରେଜିଷ୍ଟର ଭାବେ ଯୋଗଦାନ କରିଛନ୍ତି ପୁଷ୍ପାଞ୍ଜଳି କୃଷିକା । ପୂର୍ବରୁ ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁ ଏହି ଦାୟିତ୍ୱରେ ଥିଲେ । ନୂତନ ସବରେଜିଷ୍ଟ୍ରାରଙ୍କୁ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁ, ହେଡ୍‌କ୍ଲର୍କ ସୀମାଞ୍ଚଳ ଦାସ, ବରିଷ୍ଠ କିରାଣି ଗିରିଜା ଶଙ୍କର ରଥ, ରାଜେଶ ସିଂ, ଡିଇଓ ମୁରଲୀଧର ସେଠୀ, ଦିବାକର ପଣ୍ଡା ପ୍ରମୁଖ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ପରେ ଦାୟିତ୍ୱ ହସ୍ତାନ୍ତର ହୋଇଥିଲା ।

## ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା



ଗୋଷାଣି,୨୮ ।୬(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ଭକ୍ତିମୟ ପରିବେଶରେ ରଥଯାତ୍ରା ଚାଲୁ ରହିଛି । ଜଙ୍ଗଲପାଡୁ, ଗୁରାଣ୍ଡି, ଆଙ୍କୁଡୁ, ଗାରାବନ୍ଧ, ଉତ୍ତରସେଲି, ସାରିଆପଲ୍ଲୀ ଆଦି ଗ୍ରାମରେ ତିନି ଠାକୁରଙ୍କ ପୂଜା ହେଉଛି । ଏଥି ଲାଗି ଚଳଚଞ୍ଚଳ ହୋଇ ଉଠିଛି ଗ୍ରାମାଞ୍ଚଳ । ରୀତିନୀତି ଅନୁଯାୟୀ ପ୍ରଭୁ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ପୂଜା କରାଯାଉଛି । ସନ୍ଧ୍ୟାରେ କୀର୍ତ୍ତନ, ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ଦେଖାଯାଇଛି । ଯାହାକି ଅଞ୍ଚଳରେ ଭକ୍ତିମୟ ପରିବେଶ ସାଙ୍ଗକୁ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଉଛି ଅଞ୍ଚଳ ।

